# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 24 February - 2026

*********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ୍‌ରେ କଞ୍ଚା ଝୋଟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ପ୍ରସ୍ତାବକୁ ମଞ୍ଜୁରୀ
- ବିଧାନସଭାରେ ୨୦୨୬-୨୭ ବଜେଟ୍ ଅଟକଳ ଉପରେ ଜାରି ରହିଛି ଆଲୋଚନା
- ଓଡ଼ିଶା ପୂର୍ବ ଭାରତର ପ୍ରମୁଖ ଦୁଃସାହସିକ କ୍ରୀଡ଼ା ପର୍ଯ୍ୟଟନ କେନ୍ଦ୍ର ଭାବେ ଉଭା ହେବ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଏବଂ

- ଛତିଶା ନିଯୋଗ ବୈଠକରେ ଦୋଳ ପୂର୍ଣ୍ଣିମା ଓ ଚନ୍ଦ୍ରଗ୍ରହଣ ନୀତି ନେଇ ନିଷ୍ପତ୍ତି

Desk

# କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀର ସେବାତୀର୍ଥଠାରେ ପ୍ରଥମ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୨୦୪୭ ସୁଦ୍ଧା ଭାରତକୁ ଏକ ସମୃଦ୍ଧ, ସକ୍ଷମ ତଥା ଆତ୍ମନିର୍ଭର ଦେଶ ଭାବେ ଗଢ଼ିତୋଳିବା ଦିଗରେ ଜାତୀୟ ଆକାଂକ୍ଷାର ଏକ ସଶକ୍ତ କେନ୍ଦ୍ର ଭାବେ ସେବାତୀର୍ଥ କାର୍ଯ୍ୟ କରିବ ।

ସେ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍‌ରେ ଚାରୋଟି ରେଳ ପ୍ରକଳ୍ପ ସହିତ ୨ଟି ନୀତିଗତ ନିଷ୍ପତ୍ତି ଏବଂ କଞ୍ଚା ଝୋଟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । କେନ୍ଦ୍ର କ୍ୟାବିନେଟ୍ ୨୦୨୬-୨୭ ବିପଣନ ଋତୁ ଲାଗି କଞ୍ଚା ଝୋଟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ଏହି ଋତୁ ଲାଗି ଟି.ଡି.ଥ୍ରୀ ଗ୍ରେଡ୍‌ର କଞ୍ଚା ଝୋଟର କ୍ୱିଣ୍ଟାଲ୍ ପିଛା ମୂଲ୍ୟ ୫ ହଜାର ୯୨୫ ଟଙ୍କା ଧାର୍ଯ୍ୟ କରାଯାଇଛି । ୨୦୨୫-୨୬ ଋତୁଠାରୁ ଏହି ଋତୁ ଲାଗି ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ୍ ପିଛା ୨୭୫ ଟଙ୍କା ବୃଦ୍ଧି କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**- V/O -**

କେରଳର ନାମ କେରଳମ୍ କରିବା ସମ୍ପର୍କିତ ଏକ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

BBSR/R

## ବିଧାନସଭା

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ସପ୍ତମ ଦିନର ଦ୍ୱିତୀୟାର୍ଦ୍ଧରେ ଗୃହରେ ବିରୋଧୀ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ମଧ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍ ଅଟକଳ ଉପରେ ସାଧାରଣ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଆଲୋଚନାରେ ଶାସକ ଦଳ ପକ୍ଷରୁ ସଦସ୍ୟ ସୀତାଂଶୁ ଶେଖର ମହାପାତ୍ର, ଅମର ନାୟକ, ସିଦ୍ଧାନ୍ତ ମହାପାତ୍ର ମତ ରଖିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଉପରେ ନିଜର ଉତ୍ତର ଜାରି ରଖିଛନ୍ତି।

HS

## ଜାତୀୟସ୍ତରୀୟ କାର୍ଯ୍ୟକ୍ରମ

ସହିଦ ବାଜିରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ନୂଆଦିଲ୍ଲୀରେ ଏକ ଭବ୍ୟ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ’ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କୁ ଅନୁରୋଧ କରିଛନ୍ତି। ଏକ ପତ୍ର ଲେଖି ଶ୍ରୀ ପ୍ରଧାନ କହିଛନ୍ତି, ବାଜିରାଉତଙ୍କ ଅସୀମା ସାହସ ଓ ବଳିଦାନକୁ ସ୍ମରଣ କରିବା ସହିତ ଏଭଳି ଆୟୋଜନ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ପ୍ରଦାନ କରିବ। ୧୯୨୬ ମସିହା ଅକ୍ଟୋବର ୫ ତାରିଖରେ ଢେଙ୍କାନାଳର ନୀଳକଣ୍ଠପୁର ଗ୍ରାମରେ

ବାଜିରାଉତ ଜନ୍ମଗ୍ରହଣ କରିଥିଲେ। ମାତ୍ର ୧୨ ବର୍ଷ ବୟସରେ ୧୯୩୮ ଅକ୍ଟୋବର ୧୧ ତାରିଖରେ ନୀଳକଣ୍ଠପୁର ଘାଟରେ ତାଙ୍କର ବଳିଦାନ ଗଡ଼ଜାତ ଆନ୍ଦୋଳନକୁ ଏକ ନୂଆମୋଡ଼ ଦେବା ସହିତ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅଧିକ ଶକ୍ତିଶାଳୀ କରିଥିଲା ବୋଲି ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହିଦ ବାଜିରାଉତଙ୍କ ଶତବାର୍ଷିକୀକୁ ଆନୁଷ୍ଠାନିକ ଭାବେ ପାଳନ କରିବା ନେଇ ଘୋଷଣା କରିଛନ୍ତି।

Desk

## ଗୋଲଟେବୁଲ ବୈଠକ

ସ୍ୱଚ୍ଛ ଭୋଟର ତାଲିକା ଗଣତନ୍ତ୍ରର ମୂଳଦୁଆ ବୋଲି ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ନିର୍ବାଚନ କମିଶନର ଏବଂ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଜାତୀୟ ଗୋଲଟେବୁଲ ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ କୁମାର କହିଛନ୍ତି, ସବୁ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ବିଭିନ୍ନ ରାଜ୍ୟରେ ଆରମ୍ଭ ହୋଇଛି। ଅଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ ଦିଆଯିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ୧୨ଟି ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ବେଳେ

୧୧ଟି ରାଜ୍ୟର  ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇସାରିଛି ବୋଲି ଶ୍ରୀ କୁମାର କହିଛନ୍ତି। ତେବେ ଜାତୀୟ କମିଶନ ଏବଂ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ମାଧ୍ୟମରେ ଏହି କାର୍ଯ୍ୟ ସମ୍ପନ୍ନ କରାଯାଇପାରିଛି। ବୈଠକରେ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀ  ଯୋଗଦେଇ ସମ୍ମିଳନୀରେ ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ଉପରେ ଆଲୋକପାତ କରିଛନ୍ତି। ୨୭ ବର୍ଷ ପରେ ଏହି ବୈଠକ ଅନୁଷ୍ଠିତ ହେଉଛି।

Desk

## ଗୋ ଆଡ୍‌ଭେନଚର

ଓଡ଼ିଶା ପୂର୍ବ ଭାରତର ପ୍ରମୁଖ ଦୁଃସାହସିକ କ୍ରୀଡ଼ା ପର୍ଯ୍ୟଟନ କେନ୍ଦ୍ର ଭାବେ ଉଭା ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ‘ଗୋ ଆଡଭେନ୍‌ଚର’ ପୋର୍ଟାଲର ଶୁଭାରମ୍ଭ କରି ଶ୍ରୀମତୀ ପରିଡ଼ା କହିଛନ୍ତି, ରାଜ୍ୟରେ ସାହସିକ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ସରକାର ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଛନ୍ତି। ଆଧ୍ୟାତ୍ମିକ ପର୍ଯ୍ୟଟନରେ ଏହାକୁ ସୀମିତ ନ ରଖି ଅନୁଭୂତି ଭିତ୍ତିକ ପର୍ଯ୍ୟଟନ ସହ ଯୋଡ଼ାଯିବ। ଏହି ପରିପ୍ରେକ୍ଷୀରେ ସାହସିକ ପର୍ଯ୍ୟଟନର ପ୍ରଚଳନ ଯୁବ ଉଦ୍ୟୋଗୀମାନଙ୍କୁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ନିବେଶ କରିବାକୁ ଆକର୍ଷିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ପର୍ଯ୍ୟଟନ, କ୍ରୀଡ଼ା ଏବଂ ଗୃହ ବିଭାଗ ଏଥିପାଇଁ ମିଳିତ ଭାବେ କାର୍ଯ୍ୟ କରିବ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ୨୦୩୬

ମସିହା ସୁଦ୍ଧା ଉତ୍କର୍ଷ ଓଡ଼ିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ରଖି ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ସରକାର ଗୁରୁତ୍ୱ ଦେଉଛନ୍ତି। ସାହସିକ ପର୍ଯ୍ୟଟନ, ସ୍ଥାନୀୟ ଅର୍ଥନୀତି ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଥିଙ୍କ ଇଣ୍ଡିଆ, ଥିଙ୍କ୍ ଓଡ଼ିଶା' ମନ୍ତ୍ରକୁ ଗ୍ରହଣ କରିବାକୁ ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏରୋ କ୍ଲବ ଇଣ୍ଡିଆ, ଇଣ୍ଡିଆନ୍ ମାଉଣ୍ଟେନ ନିୟରିଂ ଫାଉଣ୍ଡେସନ୍ ସହ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଯାଇଛି।

Puri

## ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଛତିଶା ନିଯୋଗ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରଥମେ ନୀତି ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ମାସ ୨ ତାରିଖରେ ମେଣ୍ଢାପୋଡ଼ି ନୀତି ଓ ୩ ତାରିଖରେ ଦୋଳପୂର୍ଣ୍ଣିମା ଓ ଚନ୍ଦ୍ରଗ୍ରହଣ ନୀତି ଉପରେ ବୈଠକରେ ଆଲୋଚନା ହୋଇଛି। ଦୋଳପୂର୍ଣ୍ଣିମା ଦିନ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଖୁବ୍‌ଶୀଘ୍ର ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ସମ୍ପର୍କରେ ଆଗାମୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Puri

# ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଛତିଶା ନିଯୋଗ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରଥମେ ନୀତି ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ମାସ ୨ ତାରିଖରେ ମେଣ୍ଢାପୋଡ଼ି ନୀତି ଓ ୩ ତାରିଖରେ ଦୋଳପୂର୍ଣ୍ଣିମା ଓ ଚନ୍ଦ୍ରଗ୍ରହଣ ନୀତି ଉପରେ ବୈଠକରେ ଆଲୋଚନା ହୋଇଛି। ଦୋଳପୂର୍ଣ୍ଣିମା ଦିନ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଖୁବ୍‌ଶୀଘ୍ର ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ସମ୍ପର୍କରେ ଆଗାମୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Desk

# ଅପରେସନ୍ ସାଇବର କବଚ

ରାଜ୍ୟରେ ସାଇବର ଅପରାଧକୁ ପ୍ରତିହତ କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ ଅପରେସନ୍ ସାଇବର କବଚ ଅଭିଯାନ ରାଜ୍ୟବ୍ୟାପୀ ଜାରି ରହିଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ପୁଲିସ କମିଶନରଙ୍କର ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଠକେଇରେ ବ୍ୟବହୃତ ହେଉଥିବା ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇ ଦୃଢ଼

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସମଗ୍ର ରାଜ୍ୟରେ ଏ ପର୍ଯ୍ୟନ୍ତ ମୋଟ ୯ ହଜାର ୩୭୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇଛି । ୨୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୨ ହଜାର ୭୫୮ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଏବଂ ସହାୟକଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି । କଟକ ଜିଲ୍ଲା ପୁଲିସ ପକ୍ଷରୁ ୩୫୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇ ଦୁଇଟି ମାମଲା ରୁଜୁ କରା ହୋଇଛି । ସାଇବର ଅପରାଧ ମୁକ୍ତ ଓଡ଼ିଶା ଗଠନ ଦିଗରେ ପଦକ୍ଷେପ ଅଧିକ କଡ଼ାକଡ଼ି ହେବ ବୋଲି ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି ।

Subarnpur/Keonjhar/Boudh(2)/Nayagarh/Malkangiri/Nuapada/

## ଖବର ସଂକ୍ଷେପରେ

ନୟାଗଡ଼ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ଯତ୍ନ ଆଇନ-୨୦୧୭ ଉପରେ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ମାଲକାନଗିରି ଜେଲ୍ ସାହିସ୍ଥିତ ଶ୍ରୀଶ୍ରୀ ମା’ ନାଟେକଶ୍ୱରୀ ଯାତ୍ରା ଆଜି ଶେଷ ହୋଇଯାଇଛି ।

ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବାମଣ୍ଡା ଗ୍ରାମରେ କର୍ମକ୍ଷେତ୍ରରେ ମହିଳା ଯୌନ ନିର୍ଯାତନା ଆଇନ-୨୦୧୩ ଉପରେ ସଚେତନତା ଶିବିର ଆୟୋଜିତ ହୋଇଯାଇଛି ।

ନୂଆପଡ଼ା ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ରାଜ୍ୟ ସଭାପତି ମନମୋହନ ସମାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ବୌଦ୍ଧ ଜିଲ୍ଲା ମନମୁଣ୍ଡାରେ ଭି.ବି-ଜି.ରାମ.ଜି. ଜନଜାଗରଣ ଅଭିଯାନ କର୍ମଶାଳାରେ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଛି ।

କେନ୍ଦୁଝର ସଦର ବ୍ଲକ ସଭାଗୃହରେ 'ଆମେ ପଢ଼ିବା, ଆମ ଭାଷା' କାର୍ଯ୍ୟକ୍ରମ ଅଧୀନରେ 'ହୋ' ଭାଷାରେ ଶିକ୍ଷାଦାନ ନିମନ୍ତେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ସୁବର୍ଣ୍ଣପୁର ମଡେଲ ଡିଗ୍ରୀ ମହାବିଦ୍ୟାଳରେ ବିକଶିତ ଭାରତ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ସଂକ୍ରାନ୍ତୀ ସାମ୍ବାଦିକ ସମ୍ମିଳନୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଯାଇଛି ।

HS

## ଅନ୍ତର୍ଜାତୀୟ ଷ୍ଟାଡିୟମ

ଝାରସୁଗୁଡ଼ା ଜିଲ୍ଲା ମାଲିମୁଣ୍ଡାଠାରେ ଅନ୍ତର୍ଜାତୀୟ ଷ୍ଟାଡିୟମ ନିର୍ମାଣ କରାଯିବ ବୋଲି କ୍ରୀଡ଼ା ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି । ଏଥିପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ଅଷ୍ଟ୍ରେଲିଆର ଅନ୍ତର୍ଜାତୀୟ ସଂସ୍ଥାକୁ ଦିଆଯାଇଛି । ଅନୁମୋଦନ ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ସରବାହାଲରେ ବହୁମୁଖୀ ଷ୍ଟଡିୟମ୍ ନିର୍ମାଣ କରାଯିବ ବୋଲି ଶ୍ରୀ ସୁରଜ କହିଛନ୍ତି ।

Desk

# ପାଣିପାଗ

ଉତ୍ତର ଉପକୂଳ ଓଡ଼ିଶା ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସମୁଦ୍ର ପତନଠାରୁ ଦେଢ଼ କିଲୋମିଟର ଉଚ୍ଚରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଏଥିପାଇଁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଛି। କଟକ-ଭୁବନେଶ୍ୱରରେ ବଜ୍ରପାତ ସହିତ ବର୍ଷ ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୩ଟି ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରିରେ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ବର୍ଷା ମୟୂରଭଞ୍ଜ ଜିଲ୍ଲାର ଜଶୀପୁରଠାରେ ୪୦ ଦଶମିକ ୪ ମିଲିମିଟର ରେକର୍ଡ କରାଯାଇଛି। ଆସନ୍ତା ଦୁଇରୁ ତିନି ମଧ୍ୟରେ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ ହ୍ରାସ ପାଇବାର ସମ୍ଭାବନା ରହିଛି।